## ସଂକ୍ଷେପରେ

### ପୋଡ଼ିଯାଇ ଯୁବକ ଗୁରୁତର

ଅନୁଗୋଳ ୧୧।୮ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ବଁଅରପାଳ ଥାନା ଅନ୍ତର୍ଗତ କୁକୁଡ଼ାଙ୍ଗ ପଞ୍ଚାୟତର ଟେଣ୍ଟଲୋଇ ଗ୍ରାମର ଜଣେ ବ୍ୟକ୍ତି ପୋଡ଼ି ଯାଇ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଲେ ଭଜ ନାଏକ (୪୫)। ଘରେ ତେଲ କଡ଼େଇ ବସିଥିବା ବେଳେ ଦିଆସିଲ ମାରି ଦେଇଥିଲେ। ଫଳରେ ନିଆଁ ଲାଗି ଯାଇଥିଲା। ସେହି ନିଆଁରେ ଭଜ ପୋଡ଼ି ଯାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କର ଛାତି, ପେଟ ପାଖାପାଖି ତିରିଶ ପ୍ରତିଶତ ପୋଡି ଯାଇଥିବା ଡାକ୍ତର କହିଛନ୍ତି।

### ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଅନୁଗୋଳ,୧୧।୮(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ରୋଗୀମାନଙ୍କୁ ଭେଟି ଚିକିତ୍ସା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ସମୟରେ ଜିଲାର ସ୍ୱେଚ୍ଛାସେବୀମାନଙ୍କ ତରଫରୁ ବିଭିନ୍ନ ଖାଲିପଡ଼ିଥିବା ଡାକ୍ତର ପଦବୀ ପୂରଣ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମାତ୍ର ମେଡିସିନ ଡାକ୍ତରର ରହିଥିବା କାରଣରୁ ସ୍ୱାସ୍ଥ୍ୟସେବାରେ ବ୍ୟାହତ ଘଟିଛି। ଏଥିସହିତ ଅନୁଗୁଳରେ ହୃଦରୋଗ ଓ କିଡନୀ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି, ଯେଉଁ ବିଭାଗର ଜଣେ ବି ନିୟମିତ ଡାକ୍ତର ନାହାନ୍ତି। ଏଠାରେ ହୃଦରୋଗ ଜନିତ ଆବଶ୍ୟକୀୟ ପରୀକ୍ଷଣ ଯନ୍ତ୍ରପାତି ନାହିଁ। ଫଳରେ ଉତ୍ତମ ଚିକିତ୍ସା ପାଇବାରୁ ଲୋକମାନେ ବଞ୍ଚିତ ହେଉଥିବା ବେଳେ ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି। କିଡନୀ ରୋଗୀଙ୍କ ଚିକିତ୍ସା ପାଇଁ ଡାକ୍ତରଖାନାରେ ଡାଏଲୋସିସ ବ୍ୟବସ୍ଥା ରହିଥିଲେ ମଧ୍ୟ ବିଭାଗୀୟ ଡାକ୍ତର ନେଫ୍ରୋଲୋଜିଷ୍ଟ ନଥିବାରୁ ଚିକିତ୍ସା ହୋଇପାରୁନାହିଁ ବୋଲି ସ୍ୱେଚ୍ଛାସେବୀମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତ ସମୟରେ ସ୍ୱେଚ୍ଛାସେବୀ ଦଳର ପ୍ରତିନିଧିମାନଙ୍କ ମଧ୍ୟରେ ପର୍ଶୁରାମ ଦାଶ, ପ୍ରତାପ ମହାପାତ୍ର, ଆଦ୍ୟଶ୍ଳୋକ ମିଶ୍ର, ଗୁରୁ ଚରଣ ଗଡତିଆ, ଜୁଲୁ କୁମାର ସାହୁ ଓ ସ୍ୱରୁପ କୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

### ତ୍ରିରଙ୍ଗା ଯାତ୍ରା ପାଇଁ ପ୍ରସ୍ତୁତି

କଣିହାଁ, ୧୧।୮ (ସଚିଦାନନ୍ଦ ପ୍ରଧାନ): କଣିହାଁ ବ୍ଲକ ରେଙ୍ଗାଳି ମଣ୍ଡଳର ୮ ନମ୍ବର ଜିଲା ପରିଷଦ ଜୋନରେ ସ୍ୱଚ୍ଛ ଭାରତ ସହିତ ତ୍ରିରଙ୍ଗା ଯାତ୍ରା ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରେଙ୍ଗାଳି ଡ୍ୟାମ ସାଇଟ ସୁର ସଙ୍ଗମ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଭାଜପା ନେତା ତଥା ଜିଲା ସଂଯୋଜକ ନୃସିଂହ ବରାଳ ମଣ୍ଡଳ ସଭାପତି ତ୍ରିପୁରାରୀ ପ୍ରଧାନ, କାର୍ଯ୍ୟକର୍ତ୍ତା ସୁମନ୍ତ ପ୍ରଧାନ, ଧ୍ରୁବ ଧୀର, ଟିକନ ମହାନ୍ତି, ସୁମନ୍ତ ମହାନ୍ତି , ଟିକନ ପ୍ରଧାନ, ସୁଧାକର ସାହୁ, ତରୁଣ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଗଷ୍ଟ ୧୫ ରେ ତ୍ରିରଙ୍ଗା ଶୋଭାଯାତ୍ରା ସହିତ ସ୍ୱଚ୍ଛ ଭାରତକୁ ନେଇ ପରିବେଶ ସୁରକ୍ଷା ଓ ପ୍ରତ୍ୟେକ ଘରେ ଜାତୀୟ ପତକା ଉଡ଼ିବା ଲକ୍ଷ୍ୟରେ ବିଭିନ୍ନ ଗ୍ରାମରେ ସଚେତନତା କରାଯିବାକୁ ପଞ୍ଚାୟତର କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ରେଙ୍ଗାଳିଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥଳ ସହିତ ବିଭିନ୍ନ ମନ୍ଦିରରେ ଭାଜପା କାର୍ଯ୍ୟକର୍ତ୍ତାମାନେ ସଫେଇ କାର୍ଯ୍ୟକ୍ରମ କରିଥିଲେ।

### ରାତିଅଧରେ ଜନବସତିକୁ ପଶିଲେ ଦନ୍ତା

ନୀଳଗିରି, ୧୧।୮(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତରେ ଶନିବାର ରାତି ପ୍ରାୟ ୩ଟା ବେଳେ କରଡ଼ିଆ ଗ୍ରାମର ଶିବ ସଙ୍କ ଘର ବାଡ଼ିରେ ୨ଟି ଦନ୍ତା ପଶିବା ସହିତ ଘର କବାଟକୁ ଭାଙ୍ଗି ଦେଇଛନ୍ତି। ଶବ୍ଦ ଶୁଣି ପରିବାର ଲୋକ ଘଉଡାଇଥିଲେ ମଧ୍ୟ ଉକ୍ତ ଦନ୍ତା ଗାଁରୁ ନ ଯାଇ ନାକେଦମ କରିଥିଲେ। ପରେ ଏହି ଦୁଇ ଦନ୍ତା ରେମୁଣା ଇମାମୀ ପେପର ମିଲ୍ ରାସ୍ତା ଦେଇ କରଡ଼ିଆଗ୍ରାମ ରାସ୍ତାର ଚାଷଜମି ଦେଇ ନୀଳଗିରି ଏନ୍ଏସି ୧୧ ନଂ. ୱାର୍ଡ଼ ନଟାପଡ଼ା ରାସ୍ତା ପଣ୍ଡା ଅଫିସ୍ କ୍ରଶର ସାହି ଗ୍ରାମରେ ଥିବା ଧାନଘେରା ପାହାଡ଼ ପାଖରେ ପହଞ୍ଚିଛନ୍ତି। ମାମା ହାଁସଦାଙ୍କ ଘର ଭାଙ୍ଗିଥିବା ବେଳେ ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ନୀଳଗିରି ବନବିଭାଗ କର୍ମଚାରୀ।

# ୧୯୦ ପିଲାଙ୍କୁ ୨ ଶିକ୍ଷକ

## ଆନ୍ଦୋଳନ କରିବେ ଗ୍ରାମବାସୀ

ବଇଣ୍ଡା,୧୧।୮ (ପରିକ୍ଷୀତ ସାହୁ)




ଶିକ୍ଷାର ବିକାଶ ହେବ। ଛାତ୍ରୀଛାତ୍ରମାନେ ସ୍ମାର୍ଟସ୍କୁଲରେ ପାଠ ପଢ଼ିବେ । ଏନେଇ ସରକାର କୋଟି କୋଟି ଟଙ୍କା ବିନିଯୋଗ କରି ପୁରାତନ ବିଦ୍ୟାଳୟଗୁଡିକ ରୂପାନ୍ତରଣ କରିଛନ୍ତି । ଅନୁଗୋଳ ଜିଲାରେ ମଧ ବହୁ ସ୍କୁଲ ରୂପାନ୍ତରିତ କରାଯାଉଛି। ହେଲେ ଅନେକ ସ୍କୁଲରେ ଶିକ୍ଷକ ଅଭାବ ଯୋଗୁଁ ଏବେ ପାଠପଢାରେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି, ଯାହା ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନଥିବା ଯୋଗୁଁ ଏବେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡିଛି । ଖାଲି ପଡ଼ିଥିବା ସମସ୍ତ ଶିକ୍ଷକ ପଦବୀ ପୂରଣ କରିବା ସହ ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟାଗୁଡିକ ସମାଧାନ ଶୀଘ୍ର କରିବା ପାଇଁ ଆମ୍ବସରମୁଣ୍ଡା ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ବହୁବାର ଜିଲା ଶିକ୍ଷା ବିଭାଗଠାରୁ ଆରମ୍ଭ କରି ସରକାରଙ୍କ ଠାରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହି । ଏ ନେଇ ପୁଣି ଶନିବାର ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କଠାରେ ଅଭିଯୋଗ ପତ୍ର ମାଧମରେ ଅବଗତ କରାଇଛନ୍ତି । ଏହାର ଏକ ନକଲ ଶିକ୍ଷାମନ୍ତ୍ରୀ, ଶିକ୍ଷାସଚିବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଅନୁଗୋଳ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଗ୍ରାମବାସୀ କହିବା ଅନୁଯାୟୀ ୧୯୮୪ ମସିହାରେ ଗ୍ରାମବାସୀ ବିଦ୍ୟାଳୟ ସ୍ଥାପନ କରିଥିଲେ। ଦୀର୍ଘ ୨ ବର୍ଷ ହେବ ବିଦ୍ୟାଳୟରେ ଅନେକ ଶିକ୍ଷକ ପଦବୀ ଖାଲିପଡିଛି । ୨୦୨୩ ଶିକ୍ଷା ବର୍ଷରେ ବିଦ୍ୟାଳୟରେ ୧୯୦ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଶିକ୍ଷକ ପଦବୀ ଖାଲିପଡିଥିବା ଯୋଗୁଁ ଚଳିତ ବର୍ଷ ୩୦ ଛାତ୍ରୀଛାତ୍ର ଟିସି ନେଇ ଅନ୍ୟ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ଦୀର୍ଘ ଦିନ ହେବ ମାତ୍ର ୨ ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ବିଦ୍ୟାଳୟରେ ୮ ଜଣ ଶିକ୍ଷକ ଆବଶ୍ୟକ ଥିବାବେଳେ ମାତ୍ର ୨ ଜଣ ଅଛନ୍ତି। ପ୍ରଧାନ ଶିକ୍ଷକ ପଦବୀ ମଧ ଦୀର୍ଘ ବର୍ଷ ହେବ ଖାଲିପଡିଛି । ଏ ନେଇ ଅଭିଭାବକ ବୈଠକରେ ଶିକ୍ଷକ ଅଭାବକୁ ନେଇ ଅସନ୍ତୋଷ ଦେଖାଯାଇଥିଲା। ଏଠାରେ ଥିବା ଛାତ୍ରୀ ନିବାସରେ ୧୪୦ ଛାତ୍ରୀ ରହୁଛନ୍ତି। ଦୀର୍ଘ ବର୍ଷ ହେବ ମାଟ୍ରନ ପଦବୀ ଖାଲି ପଡିଥିବା ଯୋଗୁଁ ଛାତ୍ରୀମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ସେହିପରି ବିଦ୍ୟାଳୟର କିରାଣି ପଦବୀ ଖାଲି ପଡିଥିବା ଯୋଗୁଁ କୌଣସି କାର୍ଯ ହୋଇପାରୁନାହିଁ । ପିଅନ ପଦବୀ ମଧ ପୂରଣ ହୋଇପାରୁନି। ସେହିପରି ଖେଳ ଶିକ୍ଷକ ନ ଥିବାରୁ କ୍ରିଡାର ବିକାଶ ହୋଇପାରୁନାହିଁ। ଏନେଇ ଆମ୍ବସରମୁଣ୍ଡା ଗ୍ରାମବାସୀ ପୂର୍ବରୁ ବହୁବାର ଜିଲାପାଳଙ୍କ ଠାରୁ ଆରମ୍ଭ କରି ଶିକ୍ଷାମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ ସୁଫଳ ମିଳୁନାହିଁ। ତୁରନ୍ତ ଜିଲା ପ୍ରଶାସନ ପଦକ୍ଷେପ ନେଇ ଖାଲି ପଡିଥିବା ଶିକ୍ଷକ, କର୍ମଚାରୀ ନିଯୁକ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଏକ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## କଲେଜ ଶ୍ରେଣୀ ଗୃହରେ ପଶିଲା ଗୋଧି

ଢେଙ୍କାନାଳ ଅଫିସ,୧୧।୮(ରତନ ନାୟାର)



ଶ୍ରେଣୀ ଗୃହରେ ପଶିଥିବା ଗୋଧି

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ସ୍ନାତକୋତର ଶ୍ରେଣୀ ଗୃହରେ ଶୁକ୍ରବାର ଏକ ବିଶାଳକାୟ ଗୋଧି ପଶିଯିବାରୁ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନେ ଆତଙ୍କିତ ହୋଇପଡିଥିଲେ। ଗୋଧିଟି ଦୀର୍ଘ ସମୟ ଧରି ଶ୍ରେଣୀଗୃହରେ ପଶି ରହିବାରୁ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନେ ବାହାରକୁ ପଳାଇ ଆସିଥିଲେ । କଲେଜ ପରିସରକୁ ଲାଗି ପାଣି ଓହଳା ପାହାଡ ଓ ଚାରଖୋଲା ଜଙ୍ଗଲ ରହିଥିବାରୁ ସରିସୃପ ଜାତୀୟ ପ୍ରାଣୀମାନେ ପ୍ରାୟ ବର୍ଷାଦିନେ ଶ୍ରେଣୀ ଗୃହ ଭିତରକୁ ପଳାଇ ଆସୁଥିବା ଜଣାପଡିଛି । ଏ ସଂକ୍ରାନ୍ତରେ କଲେଜ ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି କୁହନ୍ତି ଯେ, କଲେଜ ପରିସରରେ ସଫା ସୁତରା ଆରମ୍ଭ ହୋଇଛି। ଖୁବଶୀଘ୍ର ପିଜି ସ୍ନାତକୋତର ବିଭାଗ ଶ୍ରେଣୀ ଗୃହ ପରିସରକୁ ମଧ୍ୟ ସଫାସୁତର କରାଯିବ।

## ଦାବି ଦିବସ ଉପଲକ୍ଷେ ୧୬ରେ ଆନ୍ଦୋଳନ




ଢେଙ୍କାନାଳ ଅଫିସ,୧୧।୮(ରତନ ନାୟାର)

ଢେଙ୍କାନାଳ ଜିଲା ଓଷ୍ଟା ଶିକ୍ଷକ ଭବନଠାରେ ରବିବାର ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଜିଲାସ୍ତରୀୟ କନଭେନସନ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଷ୍ଟା ସଂଘ ସମେତ ୭ଗୋଟି ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଆସନ୍ତା ୧୬ ତାରିଖରେ ଦାବି ଦିବସ ଉପଲକ୍ଷେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନଠାରେ ବିଶାଳ ଶୋଭାଯାତ୍ରା ବାହାରି ସମାବେଶ ମାଧ୍ୟମରେ ସରକାରଙ୍କୁ ଦାବିପତ୍ର ଦିଆଯିବା ପାଇଁ ନିଷ୍ପତି ହୋଇଥିଲା। ଶିକ୍ଷା ବ୍ୟବସ୍ଥା ତଥା ଛାତ୍ର, ଶିକ୍ଷକମାନଙ୍କ ମୌଳିକ ସମସ୍ୟାକୁ ନେଇ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରାଯିବ । ଅନୁଦାନପ୍ରାପ୍ତ ସ୍କୁଲ, କଲେଜକୁ ସରକାରୀ କରି ପୁରୁଣା ପେନସନ ଲାଗୁକରିବା, ଅନୁଦାନ ଯୋଗ୍ୟ ସ୍କୁଲଗୁଡ଼ିକୁ ଅନୁଦାନ ପ୍ରଦାନ କରିବା, ପୂର୍ଣ୍ଣ ଅନୁଦାନରୁ ବଞ୍ଚିତ ଥିବା ଅନୁଷ୍ଠାନକୁ ପୂର୍ଣ୍ଣ ଅନୁଦାନ ପ୍ରଦାନ କରିବା, ଅବସର ବୟସସୀମା ୬୨ବର୍ଷକୁ ବୃଦ୍ଧି କରିବା, ମଧ୍ୟାହ୍ନ ଭୋଜନ ମାନକୁ ବୃଦ୍ଧି କରିବା, ନୂତନ ପେନସନ ନୀତିକୁ ବାତିଲ କରି ପୁରୁଣା ପେନସନ ନୀତିକୁ ଲାଗୁ କରିବା ଦାବି ଉପସ୍ଥାପନ କରାଯାଇଥିଲା। ସମ୍ପାଦକ ବିଭୁତି ସାମଲ ଦାବିଗୁଡିକୁ ଉପସ୍ଥାପନ କରିଥିଲେ। ରାଜ୍ୟ ଓଷ୍ଟା ସଂଘର ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, ଅଲ୍ ଓଷ୍ଟାର ଜିଲା ସମ୍ପାଦକ ଉମାକାନ୍ତ ଷଡଙ୍ଗୀଙ୍କ ସମେତ ସମସ୍ତ ବ୍ଲକର ସମ୍ପାଦକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକମାନେ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଅଭ୍ୟାସ ପରେଡ୍‌ରେ ଭାଗନେଲେ ୧୩ ଟ୍ରୁପ



ଆଠମଲ୍ଲିକ, ୧୧।୮(ଉଦିପ୍ତ ପୁରୋହିତ)

ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ରବିବାର ସ୍ଥାନୀୟ ଇଣ୍ଡୋର ଷ୍ଟାଡିଅମ ଖେଳ ପଡ଼ିଆରେ ଅଭ୍ୟାସଗତ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ତରଫରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତନ୍ମୟ ରଞ୍ଜନ ପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ତୁଲାଇଥିଲା ବେଳେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଓ ଝରାବେରିଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଣଜିତ ସାହୁ, ଲ୍ୟୁଟନାଣ୍ଟ ଶିବାଶିଷ ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ପାତ୍ର ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଆଗକୁ ଆଉ ୨ ଦିନ ଅଭ୍ୟାସଗତ ପରେଡ୍ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

## ଆମ୍ବୁଲାନ୍ସ ଯୋଗାଣ ଦାବି ଜୋର ଧରିଲା

ଢେଙ୍କାନାଳ ଅଫିସ,୧୧।୮ (ରତନ ନାୟାର)

ଢେଙ୍କାନାଳ ବିଶ୍ୱ ପ୍ରସିଦ୍ଧ ମହିମାଗାଦୀ ଯୋରନ୍ଦା ରାସ୍ତାର ବେଲଟିକିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଆମ୍ବୁଲାନ୍ସ ପ୍ରଦାନ ପାଇଁ ଦାବି ଜୋର ଧରିଛି । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୪୦ଟି ରାଜସ୍ୱ ଗ୍ରାମ ନିର୍ଭରଶୀଳ। ଜରୁରୀ ସମୟରେ ରାସ୍ତା ଦୁର୍ଘଟଣାରେ ଆହତ ଓ ଗୁରୁତର ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ସ୍ଥାନାନ୍ତରିତ କରାଯିବା ପାଇଁ ଆମ୍ବୁଲାନ୍ସଟିଏ ଜରୁରୀ ସମୟରେ ମିଳୁନଥିବାରୁ ଲୋକମାନେ ନାହିଁ ନଥିବା ସମ୍ମୁଖୀନ ହେଉଛନ୍ତି। ୧୦୮ ଆମ୍ବୁଲାନ୍ସକୁ ଡକାଇଲେ ଏହା ବେଲଟିକିରି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଁଚାଇବା ପାଇଁ ପ୍ରାୟ ୧ ଘଣ୍ଟା ସମୟ ନେଉଛି । ଏ ସଂକ୍ରାନ୍ତରେ ତତ୍କାଳୀନ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସଂକ୍ରାନ୍ତରେ ପୂର୍ବରୁ ବହୁବାର ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଯାଇଥିଲା । ଏପରିକି ଅଧିକାରୀମାନେ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ନେଇ ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ କ୍ଷୋଭବ୍ୟକ୍ତ କରିଛନ୍ତି । ବେଲିଟିକିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କପିଳାସ, କରମୁଳ, ଯୋରନ୍ଦା ଓ ଗଁଦିଆର ମଧ୍ୟସ୍ଥଳରେ ରହୁଥିବାରୁ ଏଠାରେ ଏକ ଆମ୍ବୁଲାନ୍ସ ରଖିବା ପାଇଁ ସରପଞ୍ଚ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ କୁହନ୍ତି ଯେ, ବେଲଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ରହିବା ସମ୍ପର୍କରେ ମୁ ବୁଝି ଜଣାଇବି ।

## ୩୦ରୁ ସ୍ଲୋଏ ମାର୍ଶାଲ ଆର୍ଟ ଟୁର୍ନାମେଣ୍ଟ

ଅନୁଗୋଳ ୧୧।୮ (ଜ୍ୟୋତିରଞ୍ଜନ ସାହୁ)



ଅନୁଗଗୋଳଠାରେ ରାଜ୍ୟସ୍ତରୀୟ ସ୍ଲୋଏ ମାର୍ଶାଲ ଆର୍ଟ ଟୁର୍ନାମେଣ୍ଟ ଆସନ୍ତା ୩୦ ତାରିଖଠାରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ କ୍ରୀଡା ସଂଗଠନ ସ୍ଲୋଏ ଆସୋସିଏଶନ ଅଫ ଓଡିଶାର ସାଧାରଣ ସମ୍ପାଦକ ଏସ.କେ. ସଲାଉଦ୍ଦିନ, ଜିଲା ସଭାପତି ଦ୍ୱାରିକା ପ୍ରସାଦ ନନ୍ଦ, ଆସୋସିଏଶନର ଉପସଭାପତି ଦୁଷ୍ମନ୍ତ କୁମାର ନାଥ, ଯୁଗ୍ମ ସମ୍ପାଦକ ଶ୍ୱେତା ସ୍ୱାଗତିକା ସାହୁ, ଜାତୀୟ ରେଫେରୀ ଏସ.କେ ୱାଲ୍ଲର ଅହମ୍ମଦ ପ୍ରମୁଖ ମିଳିତ ଭାବେ ଟୁର୍ନାମେଣ୍ଟର ସଫଳ ରୂପାୟନ ପାଇଁ ଜିଲାପାଳ ଅବଦଲ ଏମ ଅଖତର ଏବଂ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ। ଟୁର୍ନାମେଣ୍ଟର ସଫଳତା ପାଇଁ ସମସ୍ତ ସାହାଯ୍ୟ ଓ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ସମଗ୍ର ଓଡ଼ିଶାର ୩୦ ଜିଲାରୁ ପ୍ରାୟ ୫୦୦ଜଣ ପ୍ରତିଯୋଗୀ ଭାଗନେବେ ବୋଲି ଆସୋସିଏଶନ ସାଧାରଣ ସମ୍ପାଦକ ଏସ.କେ ସଲାଉଦ୍ଦିନ ପ୍ରକାଶ କରିଛନ୍ତି।

## ଡ୍ରେନ୍‌କୁ ବେଆଇନ ଆବଦ୍ଧ କରିଥିବା ଅଭିଯୋଗ



ଅନୁଗୋଳ ୧୧।୮ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ବ୍ଲକ ଅନ୍ତର୍ଗତ ଖଳାରୀ ପଞ୍ଚାୟତର ଗଡ଼ପଦା ସାହିରେ ବର୍ଷା ପାଣି ଜମି ରହିବାରୁ ସାହିବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହିବାସିନ୍ଦାଙ୍କ ଅଭିଯୋଗ ଯେ, ଗାଁରେ ରାସ୍ତା ପାର୍ଶ୍ୱରେ ଘରର ଆବର୍ଜନା ଯିବା ପାଇଁ ଡ୍ରେନ ତିଆରି ହୋଇଛି। ବର୍ଷା ଦିନେ ପାଣି ଡ୍ରେନ ଦେଇ ନିଷ୍କାସିତ ହେଉଛି। ଏବେ ବର୍ଷା ହେବାରୁ ଡ୍ରେନ୍‌କୁ ଜଣେ ବ୍ୟକ୍ତି ନିଜ ଘରଠାରେ ସିମେଣ୍ଟ ଦେଇ ସମ୍ପୂର୍ଣ୍ଣ ଆବଦ୍ଧ କରିବା ଫଳରେ ବର୍ଷା ପାଣି ଆଉ ସେହି ଡ୍ରେନରେ ନିଷ୍କାସିତ ନ ହେବା ଯୋଗୁ ଦୂଷିତ ପାଣି ରାସ୍ତା ଉପରେ ଯିବା ସହ ସେ ଆଖପାଖ ଲୋକଙ୍କ ଘର ଭିତରେ ପସିଯିବାରୁ ଲୋକମାନଙ୍କର ବହୁ ଅସୁବିଧା ସୃଷ୍ଟିହେଉଛି। ଲୋକମାନେ ଅଭିଯୋଗ କଲେ ଗାଳିଗୁଳଜ କରି ବାଡ଼େଇବାକୁ ଧମକ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏ ବାବଦରେ ଅନୁଗୋଳ ବିଡ଼ିଓଙ୍କୁ ଅଭିଯୋଗ କରିବା ପରେ ସେ କହିଛନ୍ତି, ଘଟଣା ସ୍ଥଳକୁ ଯାଇ ଅନୁଧ୍ୟାନ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ମାତୃଭବନ ପ୍ରତିଷ୍ଠା ଦିବସ ପାଳିତ



ମାତୃଭବନ ପ୍ରତିଷ୍ଠା ଦିବସ ପାଳିତ

ଢେଙ୍କାନାଳ ଅଫିସ,୧୧।୮(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ବାରଦା ମାତୃଭବନର ୫୦ତମ ପ୍ରତିଷ୍ଠା ଦିବସ ରବିବାର ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପ୍ରଥମେ ରିଲିକ୍ସ ପୀଠ ମା'ଙ୍କ ନିକଟରେ ପୁଷ୍ପଧୂପ ଅର୍ପଣ କରାଯାଇ ଧ୍ୟାନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃଭବନ ସମ୍ପାଦକ ସଚ୍ଚିଦାନନ୍ଦ ମହାରଣା ଅଧ୍ୟାତ୍ମିକ ପତାକା ଉତ୍ତୋଳନ କରି ଅନୁଷ୍ଠାନର ୫୦ବର୍ଷର ସ୍ମୃତିଚାରଣ ସହ ମା' ଓ ଶ୍ରୀ ଅରବିନ୍ଦଙ୍କ ଯୋଗ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ । ପରେ ସ୍ୱତନ୍ତ୍ର ଆଲୋଚନା, ପାଠଚକ୍ର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭ୍ୟାସଭ୍ୟ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ଜନସାଧାରଣ ଯୋଗଦେଇଥିଲେ । ୧୯୭୫ ମସିହାରେ ଏକ ପାହାଡ ଶିଖରର ପ୍ରାକୃତିକ ପରିବେଶରେ ଏହି ଆଧ୍ୟାତ୍ମିକ ଅନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା ।

## 'ଓଡ଼ିଶାର ଧର୍ମ ସଂସ୍କୃତି ଓ ସାହିତ୍ୟରେ ଶ୍ରୀଜଗନ୍ନାଥ' ପୁସ୍ତକ ଲୋକାର୍ପିତ

ରାସୋଳ, ୧୧।୮(ସରୋଜ କୁମାର ମିଶ୍ର)




ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ ରାସୋଳ ପର୍ଶୁରାମପୁରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ରବିବାର ଅଖିଳ ଭାରତୀୟ ସାହିତ୍ୟ ପରିଷଦ ହିନ୍ଦୋଳ ଶାଖା ଆନୁକୂଲ୍ୟରେ 'ପ୍ରଥମ ଶ୍ରାବଣୀ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ଅନୁଷ୍ଠିତ ସଭାରେ ପରିଷଦର ଢେଙ୍କାନାଳ ଜିଲା ଉପସଭାନେତ୍ରୀ ପ୍ରଭାତି ମହାପାତ୍ର ପୌରହିତ୍ୟ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ କାର୍ଯ୍ୟକାରିଣୀ ସଦସ୍ୟ କବି ବାହାଦୁର ପାଟ୍ଟସାହାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ରଥ ଓ ଅଧ୍ୟାପକ ମଙ୍ଗରାଜ ମହାପାତ୍ରଙ୍କ ମିଳିତ ସଂଯୋଜନାରେ ଅବିଭକ୍ତ ଅନୁଗୁଳ ଓ ଢେଙ୍କାନାଳ ଜିଲାର ୫୦ଜଣ କବିକବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସଭାପତି ଡ. ଦୁର୍ଗାମାଧବ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୨ୟ ସୂତ୍ରରେ ମୁଖ୍ୟବକ୍ତା ଏବଂ ସମୀକ୍ଷକ ଭାବେ ବିଶିଷ୍ଟ କବି ଓ ପ୍ରାବନ୍ଧିକ ପ୍ରଫେସର ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ମୁରଲୀ କିଶୋର ଜେନାମଣି, ଗେଙ୍ଗୁଟିଆ ଆଞ୍ଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଡ. କବିତା ମହାନ୍ତି, ରାମକୃଷ୍ଣ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସାହିତ୍ୟ ସମାଜର ସଂସ୍କୃତି ଓ ପରମ୍ପରାକୁ ବଞ୍ଚେଇ ରଖିବା ସହ ଆମକୁ ପ୍ରତିଭା ଅନ୍ୱେଷଣରେ ସହାୟ ହୋଇଥାଏ ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ କୁମାର ପରିଡା ମଞ୍ଚ ପରିଚାଳନା କରିଥିଲେ। ସଦାନନ୍ଦ ପରିଡା ଜଗନ୍ନାଥ ସ୍ତୁତି ପଠନ କରି ଜୟନ୍ତୀ ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଦୁର୍ଗାମାଧବ ପୃଷ୍ଟିଙ୍କ ଗଙ୍ଗାଧର ସାହିତ୍ୟ ସମୀକ୍ଷା ଓ ପ୍ରାବନ୍ଧିକ ରମେଶ ଚନ୍ଦ୍ର ସାହୁଙ୍କ ଦ୍ୱାରା ରଚିତ 'ଓଡ଼ିଶାର ଧର୍ମ ସଂସ୍କୃତି ଓ ସାହିତ୍ୟରେ ଶ୍ରୀଜଗନ୍ନାଥ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଶେଷରେ ପରିଷଦର ହିନ୍ଦୋଳ ଶାଖା ସଭାପତି ଭାବେ ପ୍ରାବନ୍ଧିକ ଦଣ୍ଡଧର ପତି, ଉପସଭାପତି ଭାବେ ମୁରଲି କିଶୋର ଜେନାମଣି, ସସ୍ମିତା ପଟନାୟକ, ସଂପାଦକ ଭାବେ ବିନୟ ସାମଲ, ସହସଂପାଦକ ଭାବେ ମଙ୍ଗରାଜ ପ୍ରଧାନ, ସଂଗଠନ ସଂପାଦକ ସନ୍ତୋଷ କୁମାର ସାହୁ, କୋଷାଧକ୍ଷ ଭାବେ ଅଖିଳ କୁମାର ପୃଷ୍ଟି, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରମେଶ ଚନ୍ଦ୍ର ସାହୁ, ସତ୍ୟଭାମା ମିଶ୍ର, ପ୍ରମୋଦ କୁମାର ସାମଲ ଓ ଲିଙ୍କୁ ପତିଙ୍କୁ ମନୋନୟନ କରାଯାଇଥିଲା। ସାହିତ୍ୟିକ ଅଖିଳ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଭିନେଶ ଫୋଗଟଙ୍କୁ ନ୍ୟାୟ ଦାବିକଲା ଏଆଇଏମ୍ଏସ୍ଏସ୍

ଅନୁଗୋଳ,୧୧।୮ (ମାନସ ବିଶ୍ୱାଳ)

ଅଲିମ୍ପିକ କୁସ୍ତି ଯୋଦ୍ଧା ଭିନେଶ ଫୋଗଟଙ୍କ ସଂକଟମୟ ମୁହୂର୍ତ୍ତରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ (ଏଆଇଏମ୍ଏସ୍ଏସ୍) ଗଭୀର ସମବେଦନା ଓ ସଂହତି ଜଣାଇଛି। ଆମ ଦେଶର ଗର୍ବ ଭିନେଶ ଫୋଗଟ ଅଲିମ୍ପିକରେ ଅନୁସୃତ ନିୟମ ଅନୁଯାୟୀ ପ୍ୟାରିସରେ ଚାଲିଥିବା କୁସ୍ତି ପ୍ରତିଦ୍ୱନ୍ଦିତାର ଅନ୍ତିମ ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରତିଦ୍ୱନ୍ଦୀ ଭାବରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ ମଧ୍ୟ ସେ ଦେଶର ଗର୍ବ ଓ ଗୌରବ। ୧୦୦ ଗ୍ରାମ ଅଧିକ ଓଜନ ପାଇଁ ତାଙ୍କୁ ସ୍ୱର୍ଣ୍ଣ ପଦକର ଲଢେଇରୁ ଅଯୋଗ୍ୟ ଘୋଷଣା କରାଗଲା। ଏଥିପାଇଁ ଭିନେଶ ଫୋଗଟ ଦାୟୀ ନା ତାଙ୍କର ଡାଏଟ ପରିଚାଳନା କରୁଥିବା କୁସ୍ତି ଫେଡେରେଶନ ଦାୟୀ ବୋଲି ପ୍ରଶ୍ନ ଉଠୁଛି। ଏହି ଘଟଣାରେ ସାରା ଦେଶବାସୀ ଗଭୀର ଦୁଃଖ ପାଇବା ସହିତ ତାଙ୍କର ପ୍ରକୃତ ପାରଦର୍ଶିତାକୁ ହୃଦୟରୁ ସ୍ୱୀକାର କରିଛନ୍ତି। ଅଲିମ୍ପିକରେ ତାଙ୍କର କୌଶଳତାକୁ ସାରା ବିଶ୍ୱ ସମ୍ମାନ ଜଣାଇଛି। ବର୍ତ୍ତମାନ ତାଙ୍କୁ ତାଙ୍କର ପ୍ରାପ୍ୟ ରୌପ୍ୟ ପଦକ ପାଇବାର ଅଧିକାରରୁ ବଞ୍ଚିତ କରାଯାଇଛି। ଅନ୍ୟାନ୍ୟ ଦେଶର ଖେଳାଳି ମଧ୍ୟ ଭିନେଶଙ୍କୁ ରୌପ୍ୟ ପଦକ ଦିଆଯାଉ ବୋଲି ଦାବି କରିଛନ୍ତି।

ଯେଉଁ କାରଣରୁ ଭିନେଶ ଫୋଗଟ ପ୍ରତିଯୋଗିତାରୁ ବାହାରିଗଲେ ସେଥିପାଇଁ କୁସ୍ତି ଫେଡେରେଶନ ଓ ଭାରତ ସରକାରଙ୍କ ପକ୍ଷରୁ ଯେଉଁଭଳି ବ୍ୟଗ୍ରତା ଦେଖାଯିବା କଥା ତାହା ଦୃଶ୍ୟମାନ ହେଉନଥିବା ଏଆଇଏମ୍ଏସ୍ଏସ୍‌ର ସର୍ବଭାରତୀୟ ସଭାପତି କେୟା ଦେ ଅଭିଯୋଗ କରିଥିବା ଏଆଇଏମ୍ଏସ୍ଏସ୍‌ର ଅନୁଗୁଳ ଜିଲା ସଭାନେତ୍ରୀ ମନ୍ଦୋଦରୀ ରାଉଳ ଏବଂ ସମ୍ପାଦିକା ମାନସୀ ସ୍ୱାଇଁ ପ୍ରେସ ବିବୃତିରେ ଜଣାଇଛନ୍ତି। ସଂଗଠନର ସାଧାରଣ ସମ୍ପାଦିକା ଛବି ମହାନ୍ତି, ଓଡ଼ିଶା ରାଜ୍ୟ ସଭାପତି ସ୍ୱୟଂପ୍ରଭା ନାୟକ, ସମ୍ପାଦିକା ସରୋଜିନୀ ନାୟକ ଉକ୍ତ ପ୍ରେସ ବିବୃତିରେ ଭିନେଶ ଫୋଗଟଙ୍କ ସାମାଜିକ ନ୍ୟାୟ ପାଇଁ ଲଢ଼ିବାର ସାହସ ଓ ଦୃଢ ମନୋବଳ ଏବଂ କ୍ରୀଡାବୃତିର ନିଷ୍ଠା, ଏକାଗ୍ରତା ସମସ୍ତଙ୍କ ପାଇଁ ବିଶେଷ କରି ମହିଳାମାନଙ୍କ ପାଇଁ ଅନନ୍ୟ ପ୍ରେରଣାର ଉତ୍ସ ହୋଇ ରହିବାର ଉଲ୍ଲେଖ କରିଛନ୍ତି।

## ବିଶ୍ୱ ହାତୀ ଦିବସ

# ହାତୀଙ୍କୁ ସୁହାଉଛି ସବୁଜିମା ଜଙ୍ଗଲ

ଢେଙ୍କାନାଳ ଅଫିସ,୧୧।୮ (ରତନ ନାୟାର)

### ଢେଙ୍କାନାଳ ଜିଲାରେ ସର୍ବାଧିକ ୨୩୯ ହାତୀ ରହିଛନ୍ତି




ସମଗ୍ର ବିଶ୍ୱରେ ସୋମବାର ପାଳନ ହେଉଛି ବିଶ୍ୱ ହାତୀ ଦିବସ। ୨୦୧୨ ଅଗଷ୍ଟ ୧୨ ତାରିଖରୁ ପ୍ରତିବର୍ଷ ବିଶ୍ୱର ବିଭିନ୍ନ ଦେଶ ସମେତ ଭାରତ ଏବଂ ୧୦୦ରୁ ଊର୍ଦ୍ଧ୍ୱ ବନ୍ୟପ୍ରାଣୀ ସଂଗଠନମାନଙ୍କ ପକ୍ଷରୁ ଏହି ଦିବସ ପାଳିତ ହେଉଛି । ହାତୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ଏହି ଦିବସ ପାଳନର ମୂଳଲକ୍ଷ୍ୟ । ଚଳିତବର୍ଷ ରାଜ୍ୟରେ ହାତୀ ଗଣନାରେ ମୋଟ ୫୧ଟି ଡିଭିଜନରେ ୨୦୯୮ଟି ହାତୀ ରହିଥିବା ଜଣାପଡିଥିଲା। ତନ୍ମଧ୍ୟରେ ୩୧୩ଟି ଦନ୍ତା, ୧୩ଟି ମାଖନା ହାତୀ ରହିଛନ୍ତି। ସେହିପରି ବିଭିନ୍ନ ବୟସର ହାତୀ ମଧ୍ୟ ରହିଛନ୍ତି । ରାଜ୍ୟରେ ଢେଙ୍କାନାଳ ଜିଲାରେ ସର୍ବାଧିକ ୨୩୯ଟି ହାତୀ ରହିଥିବା ଗଣନାରୁ ଜଣାପଡିଛି ।

ଢେଙ୍କାନାଳ ଜିଲାରେ ସଦର, ଷଡଙ୍ଗୀ, କପିଳାସ, ଭୁବନ, କାମାକ୍ଷାନଗର ପୂର୍ବାଞ୍ଚଳ ଓ ପଶ୍ଚିମାଞ୍ଚଳ, ମହାବିରୋଡ, ହିନ୍ଦୋଳକୁ ମିଶାଇ ୮ଟି ରେଞ୍ଜ୍ ରହିଛି । ଗତ ୨୦୧୭ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ହାତୀ ଗଣନାରେ ଢେଙ୍କାନାଳ ଜିଲାରେ ମୋଟ ୧୬୯ଟି ହାତୀ ରହିଥିଲେ। କିନ୍ତୁ ୭ବର୍ଷ ପରେ ସରକାରଙ୍କ ପକ୍ଷରୁ ଗତ ଜୁନ ମାସରେ ଗଣନାର ତାଲିକା ପ୍ରକାଶନ ସମୟରେ ଜିଲାରେ ରାଜ୍ୟରେ ସର୍ବାଧିକ ୨୩୯ ହାତୀ ରହିଥିବା ଜଣାପଡିଛି । ଢେଙ୍କାନାଳ ଜିଲାର ସବୁଜିମା ପରିବେଶ, ଘନ ଜଙ୍ଗଲ, ପାଣିର ସୁବିଧା ଓ ଶିକାରୀ ଉପଦ୍ରବ ନଥିବା ଯୋଗୁ ହାତୀପଲ ଏହି ପରିବେଶରେ ରହିବା ପାଇଁ ସୁରକ୍ଷିତ ମଣିଥାନ୍ତି । ସେହିପରି ଏଭଳି ପରିବେଶରେ ହାତୀ ଛୁଆଜନ୍ମ ମଧ୍ୟ କରିଥାନ୍ତି । ହାତୀ ସଂଖ୍ୟା ବୃଦ୍ଧି ଯୋଗୁ ଢେଙ୍କାନାଳରେ ହାତୀ-ମଣିଷ ବିବାଦ ଜିଲା ପ୍ରଶାସନ, ବନବିଭାଗ ଏବଂ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାଜନକ ହୋଇଛି । ଢେଙ୍କାନାଳ ମଧ୍ୟ ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥ ହାତୀଙ୍କର ଚଲାପଥ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରତିଦିନ ଢେଙ୍କାନାଳ ଜିଲା ସଦର ରେଞ୍ଜ୍ ମୋଟଙ୍ଗା ଥାନା ହଳଦିଆବାହାଳ ଠାରେ ୫୫ନଂ ଜାତୀୟ ରାଜପଥରେ ହାତୀପଲ ସକାଳେ ଓ ସନ୍ଧ୍ୟାରେ ରାସ୍ତା ପାର ହୁଅନ୍ତି । ଏହି ସମୟରେ ରାଜପଥର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥାଏ । ସେହିପରି ଜିଲାର ସଦର ରେଞ୍ଜ୍ ୫୫ନଂ ଜାତୀୟ ରାଜପଥର ରସାସିଂହ, ଗଇଲୋ ଆଦି ସ୍ଥାନରେ ମଧ୍ୟ ବିଭିନ୍ନ ସମୟରେ ହାତୀପଲ ରାସ୍ତା ପାର ହେଉଥିବାର ନଜିର ରହିଛି । ଗୋଟିଏ ଗୋଟିଏ ଦଳରେ ପ୍ରାୟ ୪୦ ହାତୀ ରହୁଥିବା ଦେଖାଯାଇଛି । ଢେଙ୍କାନାଳ ଜିଲାର ହିନ୍ଦୋଳ ରେଞ୍ଜ୍‌ରେ ସର୍ବାଧିକ ୮୦ରୁ ଊର୍ଦ୍ଧ୍ୱ ହାତୀ ରହିଥିବା ଜଣାପଡିଛି । ଏହା ପରକୁ ସଦର ରେଞ୍ଜ୍‌ରେ ଅଧିକ ହାତୀ ରହିଛନ୍ତି । ଜିଲାର ପରଜଙ୍ଗ ଅଞ୍ଚଳରୁ ହାତୀପଲ ବ୍ରାହ୍ମଣୀ ନଦୀ ପାର ହୋଇ ୫୫ନଂ ଜାତୀୟ ରାଜପଥ ଦେଇ ସଦର ରେଞ୍ଜ୍ ଓ ହିନ୍ଦୋଳ ରେଞ୍ଜ୍ ଅଧିନରେ ଥିବା ଜଙ୍ଗଲକୁ ପ୍ରବେଶ କରିଥାନ୍ତି । ଜିଲାର ବିଭିନ୍ନ ଅଞ୍ଚଳରେ ହାତୀପଲ ଧାନ, ତାଳ, ଆମ୍ବ ଏବଂ ଅନ୍ୟ ଫସଲ ଆଦି ଖାଇଥାନ୍ତି । ସେହିପରି ବାସି ପଖାଳର ବାସ୍ନା ପାଇଲେ ଜନବସତିରେ ପଶି ଘର ଭାଙ୍ଗି ବାସି ପଖାଳ ଖାଇବାର ମଧ୍ୟ ନଜିର ରହିଛି । ବିଭିନ୍ନ ରୋଗ, ବିଦ୍ୟୁତ ଆଘାତ ଏବଂ ଦୁର୍ଘଟଣାରେ ଜିଲାରେ ବର୍ଷକ ମଧ୍ୟରେ ପ୍ରାୟ ୧୩ଟି ହାତୀ ମୃତ୍ୟୁବରଣ କରିଥିବା ଜଣାପଡିଛି । ହାତୀଙ୍କ ସୁରକ୍ଷା ପାଇଁ ଜିଲାରେ ସରକାରଙ୍କ ପକ୍ଷରୁ 'ଗଜ ସାଥୀ' ଠାରୁ ଆରମ୍ଭ କରି ବହୁ ଯୋଜନା ପ୍ରଣୟନ ହେଉଥିବା ବେଳେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବାରୁ ହାତୀ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନରେ ୨୦୦୭ରୁ ଏକ ହାତୀ ଉଦ୍ଧାର କେନ୍ଦ୍ର ପ୍ରତିଷ୍ଠା ହୋଇଛି । ଏଥିରେ ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହାତୀକୁ ବିଭିନ୍ନ ଘଟଣାରେ ଉଦ୍ଧାର କରି ଆଣି ରଖାଯାଇ ଚିକିତ୍ସା କରାଯିବା ସହିତ ତାକୁ ରକ୍ଷଣାବେକ୍ଷଣ କରାଯାଏ । ଏହି ହାତୀ ଉଦ୍ଧାର କେନ୍ଦ୍ରରୁ ୩ ହାତୀକୁ ତାଲିମ ପାଇଁ ଚନ୍ଦକାର କୁମାରଖୁଣ୍ଟିକୁ ନିଆଯାଇଛି । ଫଳରେ ଛୁଆହାତୀ ଉଦ୍ଧାର କେନ୍ଦ୍ରରେ ରହିଥିବା ବେଳେ ଏକ ବଡ଼ ଦନ୍ତାହାତୀ 'ରାକେଶ'କୁ ଏକ ସ୍ୱତନ୍ତ୍ର ଏନକ୍ଲୋଜ୍‌ମେଣ୍ଟରେ ରଖାଯାଇଛି । ପ୍ରତିବର୍ଷ ହାତୀ ସୁରକ୍ଷା ଏବଂ ସଂରକ୍ଷଣ ନେଇ ସଚେତନତା ସୃଷ୍ଟି କରିବା ପାଇଁ କପିଳାସରେ ଅଗଷ୍ଟ ୧୨ରେ ବିଶ୍ୱ ହାତୀ ଦିବସ ପାଳନ କରାଯିବା ସହିତ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ଏ ସଂକ୍ରାନ୍ତରେ ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କୁହନ୍ତି ଯେ, ଢେଙ୍କାନାଳ ଜିଲାରେ ଘନ ଜଙ୍ଗଲ, ସବୁଜିମା ପରିବେଶ ଏବଂ ପାଣି ଓ ପ୍ରଚୁର ଖାଦ୍ୟ ମିଳୁଥିବାରୁ ହାତୀମାନେ ଏହି ଅଂଚଳରେ ପସନ୍ଦ କରନ୍ତି । ତେଣୁ ଜିଲାରେ ହାତୀ ସଂଖ୍ୟା ବଢୁଛି । ହାତୀଙ୍କ ସୁରକ୍ଷା ପାଇଁ ମଧ୍ୟ ବନବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି ।

## କଣ୍ଟେନରରେ ନିଆଁ



ଢେଙ୍କାନାଳ ଅଫିସ,୧୧।୮ (ରତନ ନାୟାର)

ଢେଙ୍କାନାଳ ସହର କାଠଗଡା ଅଞ୍ଚଳରେ ୫୫ନଂ ଜାତୀୟ ରାଜପଥ ଉପରେ ରବିବାର ସକାଳେ କେମିକାଲ ବୋଝେଇ କରି ଯାଉଥିବା ଗୋଟିଏ କଣ୍ଟେନରରେ ନିଆଁ ଲାଗି ଯାଇଥିଲା । ଖବରପାଇ ଅଗ୍ନିଶମ ସେବା ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଡିଡି.୦୧-ଜି-୯୩୨୬ ନମ୍ବର ଥିବା ଏହି କଣ୍ଟେନରଟି ପାରାଦୀପରୁ ଦାଦର ନଗରହାବେଳି ଅଞ୍ଚଳକୁ କିଛି କେମିକାଲ ନେଇ ଯାଉଥିବା ବେଳେ କୌଣସି କାରଣରୁ ଗାଡି ଭିତରେ ବିଦ୍ୟୁତ ସର୍ଟସର୍କିଟ ହୋଇ ଡିଜେଲ ଟାଙ୍କିରେ ନିଆଁ ଲାଗିଯାଇଥିଲା । ନିଆଁ ଲାଗିବା ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ବହୁ କଷ୍ଟରେ ଅଗ୍ନିଶମ ସେବା ସଂସ୍ଥା ନିଆଁକୁ ଆୟତ୍ତ କରିଥିଲେ ।

## ନମ୍ରତା ଓ ଶାନ୍ତଚିତ ଶତ୍ରୁଘ୍ନ ଭୁତିଆଙ୍କ ନିର୍ବିବାଦର ପରିଚୟ




ଶିକ୍ଷାବିତ ଶତ୍ରୁଘ୍ନ ଭୁତିଆଙ୍କ ୮୦ତମ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଢେଙ୍କାନାଳ ଅଫିସ,୧୧।୮ (ରତନ ନାୟାର)

### ୮୦ତମ ଜୟନ୍ତୀ ଉତ୍ସବ

ଢେଙ୍କାନାଳ ଲେଖକ ସଂସଦର ଶାଣ୍ଡିଲ୍ୟ ବସନ୍ତ ଭବନଠାରେ ବିଶିଷ୍ଟ ଶିକ୍ଷାବିତ, ସାହିତ୍ୟକ ଓ କବି ଶତ୍ରୁଘ୍ନ ଭୁତିଆଙ୍କର ୮୦ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି । ସଂସଦର ସଭାପତି ବସନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ନମ୍ରତା ଓ ଶାନ୍ତଚିତ ବୃତ୍ତି ଥିଲା ସ୍ୱର୍ଗତ ଶତ୍ରୁଘ୍ନ ଭୁତିଆଙ୍କର ନିର୍ବିବାଦର ପରିଚୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ସନ୍ଧ୍ୟାତାରା ସାହିତ୍ୟ ସଂସଦ'ର ସଭାପତି ଡ. ଭବାନୀ ଶଙ୍କର ମିଶ୍ର, ଶତ୍ରୁଘ୍ନ ଭୁତିଆ ବିଜ୍ଞାନ ଓ ଗଣିତ ବିଷୟରେ ଅଗାଧ୍ୟ ପାଣ୍ଡିତ୍ୟ ହାସଲ କରିବା ସହିତ ଜଣେ ଆଦର୍ଶ ଶିକ୍ଷକ ଥିଲେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ କବିପ୍ରଭାସିନୀ ମହାକୁଡ ଓ ଆଇନଜୀବୀ ଦିପ୍ତିଶ ପ୍ରସାଦ ପଟ୍ଟନାୟକ, ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ରହିଥିଲେ ଏବଂ ଜଣେ ଦୃଢ ସଂଗଠକ ଭାବରେ ଅନନ୍ୟ ପ୍ରତିଭାର ଅଧିକାରୀ ମଧ୍ୟ ଥିଲେ ବୋଲି କହିଥିଲେ। ସେ ୧୦ଟି ପୁସ୍ତକର କାଳଜୟୀ ଶ୍ରଷ୍ଟା ଥିଲେ। ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ, ସେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସଭାପତି ଇନ୍ଦ୍ରମଣି ନାୟକ ସଭାପତିତ୍ୱ କରିଥିଲେ। କବି ବୈଜୟନ୍ତୀ ପଟ୍ଟନାୟକ ଓ ମମତା ମିଶ୍ର ସଂଯୋଜନା କରିଥିଲେ । ପରିବାର ସଦସ୍ୟମାନଙ୍କ ମଧ୍ୟରେ ପୁତ୍ର ସତ୍ୟଜିତ ଭୁତିଆ, ଶିବ ପ୍ରସାଦ ଯାଦବଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ । କବି ଅଞ୍ଜନ କୁମାର ସାହୁ, ନିର୍ମଳା ମହାପାତ୍ର, ପ୍ରଭାତ ନଳିନୀ ଦାସ, ଡ. ଦେବୀ ପ୍ରସାଦ ମିଶ୍ର ଓ ଉପେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ପରିବାରକୁ ଫେରିଲା ନିଖୋଜ ମାନସିକ ଅନଗ୍ରସର ଶିଶୁ

ଢେଙ୍କାନାଳ ଅଫିସ,୧୧।୮ (ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ପୋଲିସ ଗତ ୮ ତାରିଖ ଦିନ ନିଖୋଜ ହୋଇଥିବା ଜଣେ ମାନସିକ ଅନଗ୍ରସର ୧୫ବର୍ଷର ଶିଶୁକୁ ଶିଶୁ ମଙ୍ଗଳ କମିଟିରେ ତା'ର ଉପଯୁକ୍ତ ଯତ୍ନ ଓ ସୁରକ୍ଷା ନିମନ୍ତେ ହାଜିର କରାଇଥିଲେ। ଶିଶୁଟି ଭଲ ଭାବରେ କଥାବାର୍ତ୍ତା କରିପାରୁନଥିଲା। ଶିଶୁ ମଙ୍ଗଳ କମିଟି ପିଲାଟିର ଯତ୍ନ ଓ ସୁରକ୍ଷାର ଆବଶ୍ୟକତା ଥିବାରୁ ତାଙ୍କୁ ଶିଶୁ ଗୃହରେ ରଖିବା ପାଇଁ ଆଦେଶ ଦେଇଥିଲେ । ଶିଶୁ ମଙ୍ଗଳ କମିଟିର ଅନୁମତି କ୍ରମେ ଶିଶୁ ଗୃହର ଅଧୀକ୍ଷକ ସଞ୍ଜୟ ବେହେରା, ରୁଦ୍ର ପ୍ରସାଦ ମିଶ୍ର, ଶିଶୁଟିକୁ ନେଇ କାମାକ୍ଷାନଗର କଙ୍କଡାହାଡର ଅନେକ ଗ୍ରାମ ଖୋଜାଖୋଜି କରିଥିଲେ ମଧ୍ୟ ତା'ର କୌଣସି ଘର ଠିକଣା ପାରିପାରିଲେ ନାହିଁ । ୯ ତାରିଖରେ କୌଣସି ସୂତ୍ରରୁ ସୂଚନା ପାଇ ଶିଶୁଗୃହ ଅଧୀକ୍ଷକ ସଞ୍ଜୟ ବେହେରା ପିଲାଟିର ଗ୍ରାମ କଙ୍କଡାହାଡ ବ୍ଲକର ମରୁଆବିଲି ଗ୍ରାମରେ ଜାଣିବା ପରେ ଅନୁସନ୍ଧାନ କରିଥିଲେ । ପରେ ଶିଶୁଟି ଅନେକ ଦିନରୁ ନିଖୋଜ ଥିଲା ବୋଲି ତାଙ୍କ ଘର ଲୋକଙ୍କ ସୂତ୍ରରୁ ଜଣାପଡିଥିଲା । ପରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ ଏବଂ ସଦସ୍ୟା କୃଷିଦା ବେଗମ, ଗୀତାଞ୍ଜଳି ପଣ୍ଡା, ବିଭୁତି ଭୂଷଣ ଦାସ ଓ ଅଶ୍ୱିନୀ କୁମାର ମହାପାତ୍ର ଶିଶୁଟିର ପରିବାର ସଦସ୍ୟଙ୍କ ସହ ତୁରନ୍ତ ମିଶାଇବା ପାଇଁ ଅନୁମତି ଦେଇଥିଲେ । ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଏବଂ ଶିଶୁ ଗୃହର ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଉକ୍ତ ଶିଶୁର ପରିବାରକୁ ଶିଶୁଟିକୁ ହସ୍ତାନ୍ତର କରାଯାଇଥିଲା ।

## ଶିଶୁ ମନ୍ଦିର ପରିଚାଳନା ସମିତି ବୈଠକ



ତାଳଚେର, ୧୧।୮ (ମନୋଜ ନନ୍ଦ)

ଶିକ୍ଷା ବିକାଶ ସମିତି, ଓଡିଶା ମଧ୍ୟ ସମ୍ଭାଗ ପକ୍ଷରୁ ପରିଚାଳନା ସମିତି କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧ୍ୟ ସମ୍ଭାଗ ଅନ୍ତର୍ଗତ ଅନୁଗୋଳ ଜିଲାରେ ଥିବା ୩୯ଟି ଶିଶୁ ମନ୍ଦିରର ଦୁଇ ଶହରୁ ଊର୍ଦ୍ଧ୍ୱ ପରିଚାଳନା ସମିତି କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବକ୍ଷେତ୍ର ସହ ସଂପାଦକ ହେମନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ପ୍ରାନ୍ତ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ପ୍ରଦୀପ କୁମାର ମଲ୍ଲିକ, ସମ୍ଭାଗ ସଂପାଦକ ସନ୍ତୋଷ କୁମାର ପୃଷ୍ଟି, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଶତପଥୀ, ସମ୍ଭାଗ କାର୍ଯ୍ୟାଳୟ ପ୍ରମୁଖ ଚିନ୍ମୟ କୁମାର ପାଲ ଯୋଗଦେଇଥିଲେ। ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଂଯୋଜକ ମଧୁସୂଦନ ବାରିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ପାଣିଗ୍ରାହୀ ନିଜ ଅଭିଭାଷଣରେ ବିଦ୍ୟାଳୟ ପରିଚାଳନାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ତଥା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ ଓ ସେମାନଙ୍କର ସାମଗ୍ରୀକ ବିକାଶ ପାଇଁ ବିଦ୍ୟାଳୟ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଅନୁଗୋଳ ବିଭାଗ ନିରୀକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ପରିଚାଳନା କରିଥିବା ବେଳେ କଳମଛୁଇଁ ଶିଶୁ ମନ୍ଦିରର ସଂପାଦକ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## କଣ୍ଟେନର ପଛରେ ପିଟିଲା ମିନିଟ୍ରକ, ୨ ଗୁରୁତର



ବଇଣ୍ଡା, ୧୧।୮ (ପରିକ୍ଷୀତ ସାହୁ)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା କମରେଇ ନିକଟରେ ରବିବାର ଏକ କଣ୍ଟେନର ପଛରେ ଏକ ମିନିଟ୍ରକ ଧକ୍କା ଦେଇଛି। ଫଳରେ ମିନିଟ୍ରକ ବସିଥିବା ଚାଳକ ଓ ହେଲପର ଗୁରୁତର ହୋଇଛନ୍ତି। ସେମାନଙ୍କୁ ଅଞ୍ଚଳବାସୀ ଉଦ୍ଧାର କରି ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେମାନଙ୍କ ପରିଚୟ ଜଣାପଡିନି। ହଣ୍ଡପା ପୋଲିସ ପହଞ୍ଚି ଗାଡି ୨ଟି ଜବତ କରିଛି ।

## ଅଗଷ୍ଟ କ୍ରାନ୍ତି ଦିବସ ପାଳନ

ଢେଙ୍କାନାଳ ଅଫିସ,୧୧।୮ (ରତନ ନାୟାର)




ଢେଙ୍କାନାଳ ରଥଗଡାସ୍ଥିତ ବାମପନ୍ଥୀ ଦଳମାନଙ୍କ ପକ୍ଷରୁ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ବିୟୋଗରେ ଏକ ଶୋକସଭା ବାମପନ୍ଥୀ ନେତା ରବି ରଥଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ତାଙ୍କର ଅମରଆତ୍ମା ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ବକ୍ତାମାନେ ସ୍ୱର୍ଗତ ଭଟ୍ଟାଚାର୍ଯ୍ୟଙ୍କ ବିଭିନ୍ନ ପ୍ରଗତିଶୀଳ ଓ ସାମ୍ୟବାଦୀ ଚିନ୍ତାଧାରା ଉପରେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ଅଗଷ୍ଟ ୯ କ୍ରାନ୍ତି ଦିବସ ପାଳିତ ହୋଇଯାଇଅଛି। ସାମ୍ୟବାଦୀ ଦଳର ଏକ ଟାଣୁଆ ନେତା ସର୍ବଜ୍ଞ ସାହୁ କହିଲେ, ଫାସିବାଦୀ ଶକ୍ତି ବିରୋଧରେ ବାମପନ୍ଥୀ ନେତାମାନେ ଅଗଷ୍ଟ ବିପ୍ଳବରେ ସାମିଲ୍ ହୋଇ କାରାବରଣ ଓ ସହିଦ ହୋଇଥିଲେ। ସମାଜବାଦୀ ନେତା ସରୋଜ ଶତପଥୀ କହିଲେ, ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ପ୍ରଗତିଶୀଳ ଶକ୍ତି କର୍ପୋରେଟରାଜ ବିରୁଦ୍ଧରେ ମିଳିତ ଭାବେ ଲଢେଇ କରିବା ଆବଶ୍ୟକ। ସଭାରେ ବାମପନ୍ଥୀ ନେତା ଶ୍ରୀନିବାସ ସାହୁ, ଇଞ୍ଜିନିୟର ଯୁଧିଷ୍ଠିର ସାହୁ, ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟ ଓ ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମ୍ୟାଲେରିଆ ସଚେତନତା



ବଇଣ୍ଡା, ୧୧।୮ (ପରିକ୍ଷୀତ ସାହୁ)

କିଶୋରନଗର ବ୍ଲକ ବାମୁର ପଞ୍ଚାୟତ ଡାକୁଆମୁଣ୍ଡା ଗ୍ରାମରେ ରବିବାର କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମ୍ୟାଲେରିଆ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ସ୍ୱାସ୍ଥ୍ୟକର୍ମୀ ସସ୍ମିତା ଦାସ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ସୁଶୀଲ କୁମାର ଭୋଇ ଯୋଗଦେଇ ମ୍ୟାଲେରିଆ ରୋଗ ସମ୍ପର୍କରେ ସଚେତନତା କରିଥିଲେ। ଏଲ୍ଇଡି ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନତା କରାଇଥିଲେ। ଏହି ଗ୍ରାମରେ ଚଳିତ ମାସରେ ଜଣେ ମ୍ୟାଲେରିଆ ରୋଗୀ ଚିହ୍ନଟ ହେବା ପରେ ଗ୍ରାମର ୬୫ ଜଣ ମହିଳା ଓ ପୁରୁଷଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସମସ୍ତେ ମଶାରୀ ଲଗାଇ ଶୋଇବା ପାଇଁ ପରାମର୍ଶ ଦିଆଯାଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

ଢେଙ୍କାନାଳ ଅଫିସ,୧୧।୮ (ରତନ ନାୟାର)

ଢେଙ୍କାନାଳ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟନିର୍ବାହୀ ସମିତିର ବୈଠକ ସଭାପତି ପ୍ରହ୍ଲାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ୨୦ ତମ ପ୍ରତିଷ୍ଠା ଦିବସ ଏବଂ ୧୯ ତମ ବାର୍ଷିକ ଉତ୍ସବ ଆସନ୍ତା ୨ ତାରିଖରେ କାଳିଗର ସାହିସ୍ଥିତ ଅଭିନନ୍ଦନ ଗାର୍ଡେନ ପରିସରରେ ପାଳନ କରାଯିବାକୁ ସ୍ଥିରୀକୃତ ହେଲା। ଉକ୍ତ ଉତ୍ସବରେ ଯୋଗଦେବାକୁ ସମସ୍ତ ମଞ୍ଚ ସଦସ୍ୟମାନଙ୍କୁ ନିବେଦନ କରାଯାଇଛି। ମଞ୍ଚ ସଦସ୍ୟ ସ୍ୱର୍ଗତ ଉଦୟନାଥ ଦାଶଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଅଣାଯାଇ ତାଙ୍କ ସ୍ମୃତିଚାରଣ ସହ ଅମର ଆତ୍ମାର ସଦ୍‌ଗତି ଏବଂ ଶାନ୍ତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବ୍ରାଜିଲ ବିମାନ ଦୁର୍ଘଟଣାରେ ମୃତାହତ ଯାତ୍ରୀମାନଙ୍କ ଅମର ଆତ୍ମାର ସଦ୍‌ଗତି ଏବଂ ଶାନ୍ତି ନିମନ୍ତେ ମଧ୍ୟ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ସରାଙ୍ଗ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା




ତାଳଚେର, ୧୧।୮ (ମନୋଜ ନନ୍ଦ)

ସରାଙ୍ଗ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମୋଟ ୬ଟି ବିଦ୍ୟାଳୟ ଯଥା ପରଜଙ୍ଗ, ସାଆନ୍ଦା, ଚଟକାପଶି, କନ୍ଦରସିଂହା, ଗଡପଳାଶୁଣି ଓ ସରାଙ୍ଗର ୧୬୭ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ଏହି ମେଳାରେ ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ସାଂସ୍କୃତିକ ପ୍ରଶ୍ନମଞ୍ଚ, ସାଂସ୍କୃତିକ କଥାକଥନ, ଦେଶଭକ୍ତି ଗୀତ, ନୃତ୍ୟକଳା, ମୂର୍ତ୍ତିକଳା, ନିବନ୍ଧ ପ୍ରତିଯୋଗିତା, ବିଜ୍ଞାନ ଓ ଗଣିତ ପ୍ରୟୋଗ ଇତ୍ୟାଦି ୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଆଇଜିଆଇଟିର ଇଲେକ୍ଟ୍ରିକାଲ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ବିନୟ କୁମାର ନାୟକ ଯୋଗଦେଇଥିବା ବେଳେ ସଂକୁଳ ପ୍ରମୁଖ ମିହିର କୁମାର ସିଂହ, ବିଦ୍ୟାଳୟର ସଭାପତି ମହିନ୍ଦ୍ର କୁମାର ପ୍ରଧାନ, ସଂପାଦକ ପ୍ରଦୀପ କୁମାର ବରାଳ, ସଙ୍କୁଳ ସଂଯୋଜକ ପ୍ରଶାନ୍ତ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ସଙ୍ଗୀତ ମଣିଷକୁ ଆନନ୍ଦ ଓ ଶକ୍ତି ପ୍ରଦାନ କରିଥାଏ

### ୮ମ କପିଳାସ ସାଂସ୍କୃତିକ ମହୋତ୍ସବ

ଢେଙ୍କାନାଳ ଅଫିସ,୧୧।୮ (ରତନ ନାୟାର)



ସଙ୍ଗୀତ ସମ୍ମାନରେ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ଅନୁସୟା ନାଥଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳ ଭାରତୀୟ ସଙ୍ଗୀତ ନିଳୟ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲଠାରେ ୩ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ୮ମ କପିଳାସ ସାଂସ୍କୃତିକ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର କହିଲେ ଯେ, ସଙ୍ଗୀତ ମଣିଷକୁ ଆନନ୍ଦ ଓ ଶକ୍ତି ପ୍ରଦାନ କରିଥାଏ । ଏପରିକି ସଙ୍ଗୀତ ରୋଗର ମଧ୍ୟ ଉପଶମ କରିଥାଏ। ଉଦ୍‌ଘାଟକ ଭାବେ ଯୋଗଦେଇ ଢେଙ୍କାନାଳ ଉପଜିଲାପାଳ ସପନ କୁମାର ନନ୍ଦ କହିଲେ ଯେ, ଭଗବାନ ଯେପରି ସ୍ରଷ୍ଟା ହୋଇ ମଣିଷ ସୃଷ୍ଟି କରିଛନ୍ତି । ଠିକ୍ ସେହିପରି ସଙ୍ଗୀତ କଳାକାରମାନେ ଜଣେ ଜଣେ ସ୍ରଷ୍ଟା ହୋଇ ପ୍ରତିଭାବାନ କଳାକାର ସୃଷ୍ଟି କରିଥାନ୍ତି । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଟ୍ୟକାର ଦିଲେଶ୍ୱର ମହାରଣା ଯୋଗଦେଇ ଢେଙ୍କାନାଳ ଜିଲାର ପରମ୍ପରା ଓ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଯାମିନୀ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସଙ୍ଗୀତ ସମ୍ମାନରେ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ଅନୁସୟା ନାଥ, ସ୍ନିଗ୍ଧା ନନ୍ଦ ଏବଂ ବରିଷ୍ଠ ନାଟ୍ୟକାର ଓ ନିର୍ଦ୍ଦେଶକ ଦିଲିଶ୍ୱର ମହାରଣା ଏବଂ ସମାଜସେବୀ ଭାବେ ସାରିକା ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ମୁକ୍ତିର ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ରଥଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । କବି ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅଙ୍କିତା ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ ଭାରତୀୟ ସଙ୍ଗୀତ ନିଳୟ ଅନୁଷ୍ଠାନ ଓ ନିମନ୍ତ୍ରିତ ସାଂସ୍କୃତିକ ଦଳର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

